# SRI SRI NRUSINGHANATH TEMPLE

INDEX NO-1406/8NS AT- DURGAPALI, P.O.-PAIKMAL,
DIST-BARGARH, PH-7683834862 Web- www.nrusinghanathtemple.in ,
e-mail Id- srisrinrusinghanathtemple@gmail.com


Letter No. 21 Date 4/2/25

## ଇସ୍ତିହାର

ଏତଦ୍ଵାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟ ସୂଚୀ ମତେ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁ ଙ୍କ ଅଧିନସ୍ଥ ନଡ଼ିଆ ଭୋଗ ଦୋକାନ, ଅସ୍ଥି ପ୍ରବାହ ଘାଟ, ଚୂଡ଼ା କରଣ ମଣ୍ଡପ, ଗାଡ଼ି ପାର୍କିଂ, ମୋଟର ସାଇକେଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ, ଶୌଚାଳୟ ଆଦି କୁ ସ୍ୱ ୨୦୨୫ - ୨୦୨୬ ଆର୍ଥିକ ବର୍ଷ ସକାଶେ ଏକ ବର୍ଷ ପାଇଁ ନିଲାମ ରେ ଦେବା ପାଇଁ ସ୍ଥିରକୃତ ହୋଇଅଛି । ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତି ତା. ୨୦/୦୨/୨୦୨୫ ରିଖ ଗୁରବାର ଦିନ ସଂନ୍ଧ୍ୟା ୬ ଘଟିକା ସୁଦ୍ଧା ଅମାନତ ଟଙ୍କା ସଂପୃକ୍ତ ଟେଣ୍ଡର ଅଧିକାରୀ ଙ୍କ ଠାରେ ଜମା ଦେଇ ରସିଦ ଗ୍ରହଣ କରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ ଗ୍ରହଣ କରାଯିବ ନାହିଁ । ଅମାନତ ଜମାକାରୀ ତା. ୨୦/୦୨/୨୦୨୫ ରିଖ ଦିନ ସକାଳ ୧୦ ଘଟିକା ରୁ ୬ ଘଟିକା ସୁଦ୍ଧା ନିଜର ଡାକ ମୂଲ୍ୟ କୁ ସିଲ କରି ଟେଣ୍ଡର ଅଧିକାରୀ ଙ୍କ ଠାରେ ଜମା ଦେବେ । ତା. ୨୧/୦୨/୨୦୨୫ ଶୁକ୍ରବାର ଦିନ ୧୧ ଘଟିକା ରେ ଟେଣ୍ଡର ଗ୍ରହଣ କାରୀ ଓ ନିଲାମ ଅଧିକାରୀ ଙ୍କ ଉପସ୍ଥିତି ରେ ଖୋଲାଯାଇ ସର୍ବୋଚ ଡାକ ଥିବା ବ୍ୟକ୍ତି ଙ୍କୁ ଦିଆଯିବ । ନିଲାମ ର ସର୍ତ୍ତାବଳୀ ଜାଣିବା ପାଇଁ ମନ୍ଦିର କାର୍ଯ୍ୟଳୟ ରେ ଯୋଗାଯୋଗ କରନ୍ତୁ କିମ୍ବା ମନ୍ଦିର ୱେବ ସାଇଟ https://nrusinghanathtemple.in/tender/ ରେ ଦେଖନ୍ତୁ । ଟେଣ୍ଡର ଦାଖଲ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଟ. ୫,୦୦୦/- ରେ ଟେଣ୍ଡର ଫର୍ମ ମନ୍ଦିର କାର୍ଯ୍ୟଳୟ ରୁ କ୍ରୟ କରି ଟେଣ୍ଡର ପକାଇ ପାରିବେ ।

| କ୍ର. ନଂ | ସମ୍ପତ୍ତି ର ନାମ | ସମ୍ପତ୍ତି ର ଧାର୍ଯ୍ୟ ମୂଲ୍ୟ | ଅମାନତ ଜମା |
|---|---|---|---|
| ୧ | ନଡ଼ିଆ ଓ ଶୃଙ୍ଖଳା ଭୋଗ ଦୋକାନ | ଟ. ୩୯,୭୧,୦୦୦.୦୦ | ଟ. ୧୧,୯୧,୩୦୦.୦୦ |
| ୨. | ଅସ୍ଥି ପ୍ରବାହ ଘାଟ | ଟ. ୩୧,୯୦,୦୦୦.୦୦ | ଟ. ୯,୫୭,୦୦୦.୦୦ |
| ୩. | ଚୂଡ଼ା କରଣ ମଣ୍ଡପ | ଟ. ୨୪,୨୦,୦୦୦.୦୦ | ଟ. ୭,୨୬,୦୦୦.୦୦ |
| ୪. | ଗାଡ଼ି ପାର୍କିଂ | ଟ. ୧୯,୮୦,୦୦୦.୦୦ | ଟ. ୫,୯୪,୦୦୦.୦୦ |
| ୫. | ମୋଟାର ସାଇକେଲ ଷ୍ଟାଣ୍ଡ | ଟ. ୪,୪୦,୦୦୦.୦୦ | ଟ. ୧,୩୨,୦୦୦.୦୦ |
| ୬. | ଜୋତା ଷ୍ଟାଣ୍ଡ | ଟ. ୧,୪୮,୫୦୦.୦୦ | ଟ. ୪୪,୫୫୦.୦୦ |
| ୭. | ଶୌଚାଳୟ | ଟ. ୬୦,୦୦୦.୦୦ | ଟ. ୧୮,୦୦୦.୦୦ |

ଏ.ବି.ଡି.ଓ ପାଇକମାଲ ତଥା
ମଧ୍ୟବର୍ତୀ କାଳୀନ ଟ୍ରଷ୍ଟି / ଟେଣ୍ଡର ଅଧିକାରୀ

A.B.D.O Paikmal Cum Interim Trustee
Sri Sri Nrusinghnath Temple
Paikmal Dist Bargarh

ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର, Index No:– 1406/8 N.S

ବୈଠକ, ତା. ୩୦.୧୨.୨୪, ସମୟ – ......୧୧.୩୦......ସ୍ଥାନ :- ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ

ଅଦ୍ୟ ଶ୍ରୀଯୁକ୍ତ ଦେବାଶିଷ ସିହ୍ନା, ଏ.ବି.ଡି.ଓ , ପାଇକମାଳ ତଥା ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ଙ୍କ ସଭାପତିତ୍ୱ ଓ ଆଦେଶ କ୍ରମେ ନିମ୍ନ ପ୍ରସ୍ତାବ ମାନ ଆଗତ କରାଗଲା ।

ପ୍ରସ୍ତାବ ନଂ ୧

ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର କେତେକ ସମ୍ପତ୍ତି ବାର୍ଷିକ ଲିଜ ରେ ଦିଆଯାଇଥାଏ । ଏ ବର୍ଷ ମଧ୍ୟ ସ୍ୱ ୨୦୨୫/୨୬ ବର୍ଷ ସକାଶେ ନଡ଼ିଆ ଭୋଗ ଦୋକାନ, ଅସ୍ଥି ପ୍ରବାହ ଘାଟ, ଚୂଡ଼ା କରଣ ମଣ୍ଡପ, ଗାଡ଼ି ପାର୍କିଂ, ମୋଟୋର ସାଇକେଲ ଷ୍ଟାଣ୍ଡ ଶୌଚାଳୟ ୧ ଗୋଟ ଓ ଜୋତା ଷ୍ଟାଣ୍ଡ କୁ ଟେଣ୍ଡର ରେ ଦିଆଯିବ । ଉକ୍ତ ସମ୍ପତ୍ତି ମାନଙ୍କ ର ସରକାରୀ ମୂଲ୍ୟ ଗତ ବର୍ଷ ଯାଇଥିବା ମୂଲ୍ୟ ଉପରେ ୧୦% ବୃଦ୍ଧି କରାଯାଇ ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ସିଲ ଟେଣ୍ଡର କରାଯିବା ପାଇଁ ସ୍ଥିର କରାଯାଇ ଶ୍ରୀମାନ ଅତିରିକ୍ତ ସହକାରୀ ହିନ୍ଦୁ ଦେବୋତ୍ତର କମିଶନର, ସମ୍ବଲପୁର ଙ୍କ ବିହୀତ ଅନୁମୋଦନ ସକାଶେ ଅନୁରୋଧ କରୁ ।

| କ୍ର.ନଂ | ସମ୍ପତ୍ତି ତାଲିକା | ଗତ ବର୍ଷ ର ସର୍ବୋଚ ଡାକ | ବୃଦ୍ଧି ପରିମାଣ | ସର୍ବୋଚ ମୂଲ୍ୟ |
|---|---|---|---|---|
| ୧ | ନଡ଼ିଆ ଭୋଗ ଦୋକାନ | ୩୬,୧୦,୦୦୦/- | ୧୦% | ୩୯,୭୧,୦୦୦/- |
| ୨ | ଅସ୍ଥି ପ୍ରବାହ ଘାଟ | ୨୯,୦୦,୦୦୦/- | ୧୦% | ୩୧,୯୦,୦୦୦/- |
| ୩ | ଚୂଡ଼ା କରଣ ମଣ୍ଡପ | ୨୨,୦୦,୦୦୦/- | ୧୦% | ୨୪,୨୦,୦୦୦/- |
| ୪ | ଗାଡ଼ି ପାର୍କିଂ | ୧୮,୦୦,୦୦୦/- | ୧୦% | ୧୯,୮୦,୦୦୦/- |
| ୫ | ମୋଟର ସାଇକେଲ ଷ୍ଟାଣ୍ଡ | ୪,୦୦,୦୦୦/- | ୧୦% | ୪,୪୦,୦୦୦/- |
| ୬ | ଜୋତା ଷ୍ଟାଣ୍ଡ | ୧,୩୫,୦୦୦/- | ୧୦% | ୧,୪୮,୫୦୦/- |
| ୭ | ଶୌଚାଳୟ ( ନୂତନ ) | | | ୬୦,୦୦୦/- |

ପ୍ରସ୍ତାବ ନଂ ୨

ଟେଣ୍ଡର ର ସର୍ତ୍ତାବଳୀ

୧. ଟେଣ୍ଡର ରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପତ୍ତି ର ଧାର୍ଯ୍ୟ ମୂଲ୍ୟ ର ୩୦% ଟଙ୍କା ଅମାନତ SRI SRI NRUSINGHANATH TEMPLE, Payable – SBI, ପାଇକମାଳ ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ କରିବେ, କିମ୍ବା ମନ୍ଦିର କାର୍ଯ୍ୟାଳୟ ରେ ନଗଦ ଜମା କରି ତା. ୨୦/୦୨/୨୦୨୫ ରିଖ ସନ୍ଧ୍ୟା ୬ ଘଟିକା ସୁଦ୍ଧା ସମ୍ପୃକ୍ତ ଟେଣ୍ଡର ଅଧିକାରୀ ଙ୍କ ଠାରେ ଜମା ଦେବେ ଏବଂ ଅମାନତ ଜମା ର ରସିଦ ନେବେ, ଧାର୍ଯ୍ୟ ତାରିଖ ଓ ସମୟ ପରେ ଗ୍ରହଣ କରାଯିବ ନାହିଁ ।

୨. ଇଚ୍ଛୁକ ବ୍ୟକ୍ତି ମନ୍ଦିର କାର୍ଯ୍ୟାଳୟ ରୁ ଟ.୫,୦୦୦/- ( ଫେରସ୍ତ ହେବ ନାହିଁ) ଜମା କରି ଟେଣ୍ଡର ଫର୍ମ କ୍ରୟ କରି ଯେଉଁ ଜିନିଷ ଟେଣ୍ଡର ରେ ନେବେ ତାର ଡାକ ମୂଲ୍ୟ କୁ ଟେଣ୍ଡର ପେପର ରେ ଲେଖି ସିଲ କରି ତା. ୨୦/୦୨/୨୦୨୫ ୬ ଘଟିକା ସୁଦ୍ଧା ଟେଣ୍ଡର ବାକ୍ସ ରେ ପକାଇବେ । ଟେଣ୍ଡର କାଗଜ ଓ ଲଫାପା ଉପରେ ସଂପୂର୍ଣ୍ଣ ଭାବେ ନିଜର ଠିକଣା ଲେଖିବେ । ଟେଣ୍ଡର କାଗଜ କୁ ଟେଣ୍ଡର ଆବେଦନ କାରି ଓ ଟେଣ୍ଡର ଅଧିକାରୀ ଙ୍କ ଉପସ୍ଥିତି ରେ ତା. ୨୧/୦୨/୨୦୨୫ ଦିନ ୧୧ ଘଟିକା ରେ ଖୋଲାଯିବ ଓ ସର୍ବୋଚ ଡାକ ଥିବା ବ୍ୟକ୍ତି ଙ୍କୁ ଦିଆଯିବ ।

୩. ଟେଣ୍ଡର ରେ ଅଂଶ ଗ୍ରହଣ କାରୀ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ରେ କୌଣସି ବକେୟା ଲାଗି ନ ଥିବେ ।

୪. ଟେଣ୍ଡର ରେ ପାଇଥିବା ବ୍ୟକ୍ତି ସର୍ବୋଚ ଡାକ ର ୬୦% ଟଙ୍କା ୧୫ ଦିନ ମଧ୍ୟରେ ଜମା କରିବେ । ଜମା କରିସାରିବା ପରେ ଟେଣ୍ଡର ରେ ପାଇଥିବା ସମ୍ପତ୍ତି ଚଳାଇବା ପାଇଁ ଆଦେଶ କରାଯିବ । ଏଥିରେ ଖିଲାପ କଲେ ଅମାନତ ଟଙ୍କା ବ୍ୟାଯାପ୍ତ ରଖାଯାଇ ପୁନର୍ବାର ଟେଣ୍ଡର କରାଯିବ । ପୁନର୍ବାର ଟେଣ୍ଡର ରେ କେହି ନ ଆସିଲେ ମନ୍ଦିର ନିଜେ ପରିଚାଳନା କରିବ । ଏଥିରେ କୌଣସି ପ୍ରକାର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

୫. ଜଣେ ବ୍ୟକ୍ତି ୨ ଗୋଟ ଟେଣ୍ଡର ପକାଇ ପାରିବେ ନାହିଁ । କୌଣସି ସମ୍ପତ୍ତି ରେ ୨ ଗୋଟ ଟେଣ୍ଡର ପଡିଲେ ହି ଗ୍ରହଣୀୟ ହେବ, ଗୋଟିଏ ଟେଣ୍ଡର ପଡ଼ିଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ।

୬. ଟେଣ୍ଡର ସମୟ ରେ ଟେଣ୍ଡର ଅଧିକାରୀ ଙ୍କ ନିଷ୍ପତି ସର୍ବୋଚ୍ଚ ଭାବେ ଗ୍ରହଣୀୟ ହେବ । କୌଣସି କାରଣ ନ ଦର୍ଶାଇ ଟେଣ୍ଡର ମଧ ବାତିଲ କରି ପାରିବେ ।

୭. ଟେଣ୍ଡର ଗ୍ରହଣ କାରୀ ମନ୍ଦିର ଟ୍ରଷ୍ଟ ର ନିର୍ଦ୍ଧାରିତ (ଧାର୍ଯ୍ୟ) ମୂଲ୍ୟ ର ଫିଜ ଅସୁଲ କରିବେ, ତା ଠାରୁ ଅଧିକ ନେଇ ପାରିବେ ନାହିଁ । ଏଥିରେ ଖିଲାପ କଲେ ପାଇଥିବା ଟେଣ୍ଡର କୁ ରଦ୍ଦ କରାଯିବ ଓ ଜମା ଟଙ୍କା ବ୍ୟାଯାପ୍ତ ରଖାଯିବ ।

୮. ଟେଣ୍ଡର ଗ୍ରହଣ କାରୀ ମୋଟର ସାଇକେଲ ଷ୍ଟାଣ୍ଡ ଓ ଗାଡ଼ି ପାର୍କିଂ ରେ ଜନ ପ୍ରତିନିଧି, ସରକାରୀ, ସ୍ଥାନୀୟ ବ୍ୟକ୍ତି, ମନ୍ଦିର କମିଟୀ, ସାମ୍ବାଦିକ ପ୍ରତିନିଧି ଙ୍କ ଠାରୁ ଫିଜ ନେଇ ପାରିବେ ନାହିଁ ।

୯. ସର୍ବୋଚ ଡାକ ରେ ନେଇ ଥିବା ବ୍ୟକ୍ତି ସମସ୍ତ ଜିନିଷ ର ନିର୍ଦ୍ଧାରିତ ମୂଲ୍ୟ ତାଲିକା ସାଇନ ବୋର୍ଡ କରି ଲଗାଇବେ ।

୧୦. ସର୍ବୋଚ ଡାକ ରେ ନେଇ ଥିବା ବ୍ୟକ୍ତି ତୀର୍ଥ ଯାତ୍ରୀ ଙ୍କୁ ଉତ୍ତମ ବ୍ୟବହାର ଦେବେ, ଖିଲାପ କଲେ ଟେଣ୍ଡର ବାତିଲ କରାଯିବ ।

୧୧. ସର୍ବୋଚ ଡାକ ରେ ନେଇ ଥିବା ବ୍ୟକ୍ତି ଟେଣ୍ଡର କୁ ଅନ୍ୟ କାହା କୁ ନିଜ ଇଚ୍ଛା ରେ ହସ୍ତାନ୍ତର କରିପାରିବେ ନାହିଁ କି ଅନ୍ୟ ବକେୟା ଲାଗିଥିବା ବ୍ୟକ୍ତି କୁ ରଖି ପାରିବେ ନାହିଁ । ଏହା ଯଦି ଦୃଷ୍ଟି ଗୋଚର କୁ ଆସେ ତାହା ହେଲେ ସମସ୍ତ ଟଙ୍କା ବାଜ୍ୟାପ୍ତ ରଖା ଯାଇ ଟେଣ୍ଡର ରଦ୍ଦ କରାଯିବ ।

୧୨. ସର୍ବୋଚ ଡାକ ରେ ପାଇଥିବା ବ୍ୟକ୍ତି ଙ୍କ ନାମ ରେ ତା. ୨୦/୦୨/୨୦୨୫ ସୁଦ୍ଧା୧୫ ଲକ୍ଷ ଟଙ୍କା ର ବ୍ୟାଙ୍କ ଜମା ଥିବା Account Balance ର କପି କିମ୍ବା ବ୍ୟାଙ୍କ ସ୍ଥାୟୀ ଜମା ର ରସିଦ କିମ୍ବା ୫ ଏକର ଜମି ପଟା ମନ୍ଦିର ପରିଚାଳନା କମିଟୀ ଠାରେ ଜମା ଦେବେ । ଶୌଚାଳୟ ଓ ଜୋତା ଷ୍ଟାଣ୍ଡ

ପାଇଁ କେବଳ ୧ ଲକ୍ଷ ଟଙ୍କା ର ବ୍ୟାଙ୍କ ଜମା କପି ଲାଗିବ, ଏଥିରେ ଖିଲାପ କଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ।

୧୩. ଟେଣ୍ଡର ଫର୍ମ କ୍ରୟ କରିଥିବା ବ୍ୟକ୍ତି ହିଁ , ଟେଣ୍ଡର ରେ ଅଂଶ ଗ୍ରହଣ କରିପାରିବେ, ଅନ୍ୟ କାହା କୁ ଅଂଶ ଗ୍ରହଣ କରିବା ପାଇଁ ଅଧିକାର ( authorize) ଦେଇପାରିବେ ନାହିଁ । ଟେଣ୍ଡର ଫର୍ମ କ୍ରୟ କରିଥିବା ଟଙ୍କା ଫେରସ୍ତ ହେବ ନାହିଁ ।

୧୪. ଟେଣ୍ଡର ରେ ଅଂଶ ଗ୍ରହଣ କାରୀ ପାଇକମାଲ, ଝାରବନ୍ଧ, ପଦ୍ମପୁର ପଞ୍ଚାୟତ ସମିତି ର ବାସିନ୍ଦା ହୋଇଥିବେ ।

୧୫. କୌଣସି ଟେଣ୍ଡରଧାରୀ କିମ୍ବା କାର୍ଯ୍ୟରତ କର୍ମକର୍ତ୍ତା ମାଦକ ଦ୍ରବ୍ୟ ସେବନ କରି କାର୍ଯ୍ୟ କରନ୍ତି ତାହା ହେଲେ ବିନା ନୋଟିସ ରେ ତାଙ୍କର ଟେଣ୍ଡର କୁ ରଦ୍ଦ କରାଯିବ ।

୧୬. ଟେଣ୍ଡର ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତି ଙ୍କ ର ଯେପରି କୌଣସି ପ୍ରକାର ଅପରାଧିକ ମାମଲା ର ପ୍ରମାଣ ନ ଥିବ ସେମାନେ ହିଁ ଟେଣ୍ଡର ପକାଇ ପାରିବେ । ଯଦି ପ୍ରମାଣ ମିଳେ ତାହା ହେଲେ ଟେଣ୍ଡର ରଦ୍ଦ କରାଯିବ ।

୧୭. ଟେଣ୍ଡର ରେ ନେଇଥିବା ବ୍ୟକ୍ତି ଯାହାକୁ ନିଯୁକ୍ତି ଦେବେ ତାର ଆଧାର କାର୍ଡ ସହ ଅନ୍ୟ ପରିଚୟ ପତ୍ର ର କପି ମନ୍ଦିର ପ୍ରଶାସନ କୁ ଦେବେ ।

୧୮. ଟେଣ୍ଡର ରେ ନେଇଥିବା ସମସ୍ତ ବ୍ୟକ୍ତି ଏବଂ ତାଙ୍କର କାର୍ଯ୍ୟରତ କର୍ମକର୍ତ୍ତା ନିଜର ପରିଚୟ ପତ୍ର ପରିଧାନ କରି କାର୍ଯ୍ୟ କରିବେ ।

୧୯. ମୋଟର ସାଇକେଲ ଷ୍ଟାଣ୍ଡ ଓ ଗାଡ଼ି ପାର୍କିଂ ଟେଣ୍ଡର ଧାରୀ ଗାଡ଼ି ମଟର ସୁବିଧା ରେ ରଖିବା ପାଇଁ ସମସ୍ତ ବ୍ୟବସ୍ଥା କରିବେ ।

୨୦. ମୋଟର ସାଇକେଲ ଷ୍ଟାଣ୍ଡ ଓ ଗାଡ଼ି ପାର୍କିଂ ଟେଣ୍ଡର ଧାରୀ ଫିଜ ଅସୁଲ କରି ଉପଯୁକ୍ତ ରସିଦ ଦେଇ ଫିଜ ଅସୁଲ କରିବେ । ଟେଣ୍ଡର ଗ୍ରହଣକାରୀ ଙ୍କ ବିନା ଦସ୍ତଖତ ରେ ରସିଦ ଗ୍ରହଣୀୟ ହେବ ନାହିଁ ।

୨୧. ଟେଣ୍ଡର ରେ ପାଇଥିବା ବ୍ୟକ୍ତି ସବୁବେଳେ ମନ୍ଦିର ନୀତି ନିୟମ ମାନି ଚଳିବେ ଓ ମନ୍ଦିର ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକା ନେଇ ପାରିବେ ନାହିଁ । ଯଦି ଏଥିରେ ଖିଲାପ କରନ୍ତି ତାହା ହେଲେ ସମସ୍ତ ଟଙ୍କା ବ୍ୟାଯାପ୍ତ ରଖାଯାଇ ଟେଣ୍ଡର ବାତିଲ କରାଯିବ ।

୨୨. ଟେଣ୍ଡର ପାଇଥିବା ବ୍ୟକ୍ତି ମଗାଯାଇଥିବା ବ୍ୟାଙ୍କ ବ୍ୟାଲେନ୍ସ ଓ ଜମି ଆଦି ର ନକଲ ଜମା ଦେଇ ଦଲିଲ ପେପେର ରେ ଏଗ୍ରୀମେଣ୍ଟ କରିବେ ।

୨୩. ନିର୍ଦ୍ଧାରିତ ମୂଲ୍ୟ:-

୧. ପାର୍କିଂ ଶୁଳ୍କ ବସ, ଟ୍ରକ = ଟ. ୧୦୦.୦୦

୨. ପାର୍କିଂ ଶୁଳ୍କ ଚାରି ଚକିଆ ଗାଡ଼ି = ଟ. ୫୦.୦୦

୩. ମୋଟର ସାଇକେଲ = ଟ. ୨୦.୦୦

୪. ସାଇକେଲ = ଟ. ୧୦.୦୦

୫. ନଡ଼ିଆ ଭୋଗ ସେଟ = ୫୦.୦୦

୬. ବାଳ ପକା = ଟ. ୧୦୦.୦୦

୭. ଅଶୁଦ୍ଧି ବାଳ ପକା = ଟ. ୨୦୦.୦୦

୮. ଅସ୍ଥି ପ୍ରବାହ ପଣ୍ଡିତ ଦକ୍ଷିଣା = ଟ. ୫୦୦.୦୦

୯. ଜୋତା = ଟ. ୫.୦୦

୧୦. ଶୌଚାଳୟ = ଟ. ୫.୦୦

ପ୍ରସ୍ତାବ ନଂ ୩

ଟେଣ୍ଡର ଖୋଲିବା ପାଇଁ ଏକ ୫ ଜଣିଆ କମିଟୀ ଗଠନ କରାଯିବ ଉକ୍ତ କମିଟୀ ରେ ଶ୍ରୀମାନ ଅତିରିକ୍ତ ସହକାରୀ ହିନ୍ଦୁ ଦେବୋତ୍ତର କମିଶନର, ସମ୍ବଲପୁର, ଶ୍ରୀମାନ ଖଣ୍ଡିୟ ନିରିକ୍ଷକ, ଦେବୋତ୍ତର ବିଭାଗ ସମ୍ବଲପୁର, ଶ୍ରୀମାନ ଏ.ବି.ଡି.ଓ , ପାଇକମାଳ ତଥା ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର, ଶ୍ରୀମାନ ତହସିଲଦାର, ପାଇକମାଳ ଓ ଶ୍ରୀମାନ ଥାନା ଭାରପ୍ରାପ୍ତ ଅଧିକାରୀ, ପାଇକମାଳ ଙ୍କୁ କମିଟୀ ସଦସ୍ୟ ରୂପେ ରଖାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା ।

ପ୍ରସ୍ତାବ ନଂ ୩

ମନ୍ଦିର ର ଉନ୍ନୟନ ପାଣ୍ଠି ଗେଟ ଟି ସରକାରୀ ରାସ୍ତା ରେ ଥିବା ରୁ ଉନ୍ନୟନ ଶୁଳ୍କ ଅସୁଲ ନ କରିବା ପାଇଁ ଲୋକେ ଅଭିଯୋଗ କରୁଅଛନ୍ତି । ଏଣୁ ଉନ୍ନୟନ ଶୁଳ୍କ ସ୍ଥାନ ରେ ପାର୍କିଂ ଶୁଳ୍କ ଅସୁଲ କରିବା ପାଇଁ ପ୍ରସ୍ତାବ କରାଯାଇ ଶ୍ରୀମାନ ଅତିରିକ୍ତ ସହକାରୀ ହିନ୍ଦୁ ଦେବୋତ୍ତର କମିଶନର, ସମ୍ବଲପୁର ଙ୍କ ଅନୁମୋଦନ ପାଇଁ ଅନୁରୋଧ କରାଗଲା ।

ପରିଶେଷ ରେ ଶ୍ରୀମାନ ସଭାପତି ଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର
Executive Officer
Sri Sri Nrusinghanath Temple

ଏ.ବି.ଡି.ଓ ପାଇକମାଳ ତଥା
ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି / ଟେଣ୍ଡର ଅଧିକାରୀ
A.B.D.O. Paikmal Cum Interim Trustee
Sri Sri Nrusinghnath Temple
Durgapali,Paikmal,Dist-Bargarh